# କୃଦନ୍ତ ପ୍ରକରଣ

ସାଧାରଣତଃ ଧାତୁ ରୂପ ବା କ୍ରିୟାପଦକୁ 'ତିଙନ୍ତ' କହନ୍ତି। ମୂଳଧାତୁରେ କେତେକ ସଂଯୋଜକ ପଦ (ପ୍ରତ୍ୟୟ) ଯୋଗକରି ନୂତନ ଶବ୍ଦ ସୃଷ୍ଟିକରାଯାଏ। ଏହି ଶବ୍ଦ ଗୁଡିକ ବାକ୍ୟରେ ବିଶେଷ୍ୟ, ବିଶେଷଣ, ଅବ୍ୟୟ, ଅସମାପିକାକ୍ରିୟା ଏବଂ ସମାପିକା କ୍ରିୟାରୂପରେ ବ୍ୟବହୃତ ହୁଅନ୍ତି। ମୂଳଧାତୁ (ପ୍ରକୃତି) ସହିତ ଶତୃ, ଶାନଚ୍, କ୍ତ, କ୍ତବତୁ, କ୍ତ୍ୱା, ଲ୍ୟପ୍, ତୁମୁନ୍, ଘଞ୍, ଅଲ୍, କ୍ତିନ୍, ଲ୍ୟୁଟ୍ ପ୍ରଭୃତି "କୃତ୍" (ପ୍ରତ୍ୟୟ) ଯୋଗ କରାଯାଇ ନୂତନ ଶବ୍ଦ ସୃଷ୍ଟି କରାଯାଉଥିବାରୁ ଏହାକୁ 'କୃଦନ୍ତ' କହନ୍ତି। ଅର୍ଥାତ୍ 'କୃତ୍' ଯାହାର 'ଅନ୍ତ' (ଶେଷ)ରେ ରହିଛି ତାହା କୃଦନ୍ତ। ଯଥା - ଗମ୍- ମୂଳଧାତୁର 'ତିଙନ୍ତ' ରେ 'ଗଚ୍ଛତି' ହୁଏ।

'ଗମ୍' ଧାତୁରେ 'ଲ୍ୟୁଟ୍' କୃତ୍ ପ୍ରତ୍ୟୟ ଯୋଗକଲେ ହେବ 'ଗମନମ୍' । ଗମ୍ + ଲ୍ୟୁଟ୍ = **'ଗମନମ୍'** ଏହା କୃଦନ୍ତ ପଦ।

ପଠ୍ଧାତୁର ଲଟ୍‌ଲକାର ପ୍ରଥମପୁରୁଷ ଏକବଚନ ରୂପ ପଠତି, କିନ୍ତୁ ପଠ୍ + କ୍ତ୍ୱା (କୃତ୍ ପ୍ରତ୍ୟୟ) = **'ପଠିତ୍ୱା'** ଏହା କୃଦନ୍ତ ପଦ।

**ବିଭିନ୍ନ କୃଦନ୍ତ ପଦର ପ୍ରୟୋଗର ଉଦାହରଣ**

| | | |
|---|---|---|
| ୧. | ବାଳକଃ <u>ଗଚ୍ଛନ୍</u> ଅପତତ୍। | ବାଳକଟି ଯାଉଯାଉ (ଯାଉଥିଲାବେଳେ) ପଡ଼ିଗଲା। |
| ୨. | ପୁରସ୍କାରଂ <u>ଲଭମାନଃ</u> ଛାତ୍ରଃ ଆନନ୍ଦିତଃ ଭବତି। | ପୁରସ୍କାର ଲାଭକରୁଥିବା ଛାତ୍ରଟି ଆନନ୍ଦିତ ହେଉଅଛି। |
| ୩. | <u>ଭୀତଃ</u> ମୃଗଃ ଧାବତି। | ଡରିଯାଇଥିବା ହରିଣଟି ଦୌଡୁଛି। |
| ୪. | ଗୋବିନ୍ଦଃ ଗୃହଂ <u>ଗତଃ</u>। | ଗୋବିନ୍ଦ ଘରକୁ ଗଲା। |
| ୫. | ରାମେଣ ରାବଣଃ <u>ହତଃ</u>। | ରାମଙ୍କ ଦ୍ୱାରା ରାବଣ ହତହେଲା / ବା<br>ରାମ ରାବଣକୁ ମାରିଥିଲେ। |
| ୬. | ଶିଶୁଃ ଜଳଂ <u>ପୀତବାନ୍</u>। | ଶିଶୁଟି ପାଣି ପିଇଥିଲା। |
| ୭. | ସନ୍ତାନେଷୁ ମାତୁଃ <u>ସ୍ନେହଃ</u> ଅସ୍ତି। | ସନ୍ତାନମାନଙ୍କଠାରେ ମା'ର ସ୍ନେହ ରହିଛି। |
| ୮. | ରାମସ୍ୟ ଈଶ୍ୱରେ <u>ଭକ୍ତିଃ</u> ଅସ୍ତି। | ରାମର ଈଶ୍ୱରଙ୍କଠାରେ ଭକ୍ତି ଅଛି। |
| ୯. | ସାଧୂନାଂ <u>ଦର୍ଶନଂ</u> ପୁଣ୍ୟମ୍। | 'ସାଧୁମାନଙ୍କୁ ଦେଖିବା ପୁଣ୍ୟ' । |
| ୧୦. | ତ୍ୱଂ ଚିତ୍ରଂ <u>ଦୃଷ୍ଟ୍ୱା</u> ଉତ୍ତରଂ ଲିଖ। | ତୁମେ ଚିତ୍ରକୁ ଦେଖି ଉତ୍ତର ଲେଖ। |
| ୧୧. | ଛାତ୍ରଃ <u>ପଠିତୁଂ</u> ବିଦ୍ୟାଳୟଂ ଗଚ୍ଛତି। | ଛାତ୍ରଟି ପଢ଼ିବା ପାଇଁ ବିଦ୍ୟାଳୟକୁ ଯାଉଛି। |

ଉପରି ଲିଖିତ ବାକ୍ୟଗୁଡ଼ିକରେ ରେଖାଙ୍କିତ ପଦଗୁଡ଼ିକୁ ଲକ୍ଷ୍ୟକର। ମୂଳ ଧାତୁରେ 'କୃତ୍' ପ୍ରତ୍ୟୟ ଯୋଗ କରାଯାଇଛି।

୧. ଗଚ୍ଛନ୍ - (ଗମ୍ + ଶତୃ) ଅର୍ଥାତ୍ ଯାଉଯାଉ ବା ଯାଉଥିବା ଅବସ୍ଥାକୁ ବୁଝାଉଛି। ଏହା ଅସମାପିକା କ୍ରିୟାବାଚକ ଏବଂ ବାଳକର ବିଶେଷଣ ରୂପେ ବ୍ୟବହୃତ ହୋଇଛି।

୨. ଲଭମାନଃ - (ଲଭ୍ + ଶାନଚ୍) ଅର୍ଥାତ୍ ଲାଭକରୁକରୁ ବା ଲାଭ କରୁଥିବା ଅବସ୍ଥାକୁ ବୁଝାଉଛି। ଏହା ଅସମାପିକା କ୍ରିୟାବାଚକ ଏବଂ ଛାତ୍ରର ବିଶେଷଣ ରୂପେ ବ୍ୟବହୃତହୋଇଛି।

୩. ଭୀତଃ - (ଭୀ+କ୍ତ) ଅର୍ଥାତ୍ ଡରିଯାଇଥିବା ଅବସ୍ଥାକୁ ବୁଝାଉଛି। ଏହା ଅତୀତକାଳବୋଧକ ଏବଂ ମୃଗର ବିଶେଷଣ।

୪. ଗତଃ - (ଗମ୍+କ୍ତ) ଅର୍ଥାତ୍ ଯାଇଥିଲା ବା ଗଲା। ଏହା କର୍ମବାଚ୍ୟରେ ଅତୀତକାଳବୋଧକ ସମାପିକାକ୍ରିୟାକୁ ବୁଝାଉଛି।

୫. ହତଃ - (ହନ୍+କ୍ତ) ଅର୍ଥାତ୍ ହତ ହେଲା / ମରିଗଲା ।
ଏହା କର୍ମବାଚ୍ୟରେ ସମାପିକାକ୍ରିୟା ଭାବରେ ବ୍ୟବହୃତ ହୋଇଛି।

୬. ପୀତବାନ୍ - (ପା+କ୍ତବତୁ) ଅର୍ଥାତ୍ ପିଇଥିଲା।
ଏହା ସମାପିକାକ୍ରିୟାକୁ ବୁଝାଉଛି।

୭. ସ୍ନେହଃ - (ସ୍ନିହ୍+ଘଞ୍) ଅର୍ଥାତ୍ ସ୍ନେହ ବା ଅନୁରାଗ ।
ଏହା ବିଶେଷ୍ୟ ଭାବରେ ବ୍ୟବହୃତ ହୋଇଛି।

୮. ଭକ୍ତିଃ - (ଭଜ୍+କ୍ତିନ୍) ଅର୍ଥାତ୍ ଭକ୍ତି (ଉପାସନା ବା ବାରମ୍ବାର ଭଜନ କରିବା) ଏହା ବିଶେଷ୍ୟ ଭାବରେ ବ୍ୟବହୃତ ହୋଇଛି।

୯. ଦର୍ଶନମ୍ - (ଦୃଶ୍+ଲ୍ୟୁଟ୍) ଅର୍ଥାତ୍ ଦେଖିବା ଏହା କ୍ରିୟା ବା ଭାବ ବାଚକ ବିଶେଷ୍ୟ ରୂପେ ବ୍ୟବହୃତହୋଇଛି।

୧୦. ଦୃଷ୍ଟ୍ୱା - (ଦୃଶ୍+କ୍ତ୍ୱା) ଅର୍ଥାତ୍ ଦେଖିସାରି / ଦେଖିକରି / ଦେଖିସାରିଲାପରେ। ଏହା ବାକ୍ୟରେ ଅସମାପିକା କ୍ରିୟା ଭାବରେ ପୂର୍ବକାଳରେ ବ୍ୟବହୃତ ହୋଇଛି। ଏହା ଅବ୍ୟୟ । **ଏହିବାକ୍ୟରେ ଦୁଇଟି କ୍ରିୟାପଦ ରହିଛି 'ଦୃଷ୍ଟ୍ୱା' ଅସମାପିକା କ୍ରିୟା ଏବଂ ପୂର୍ବକାଳକୁ ବୁଝାଉଛି ଏହାର କର୍ମ ଚିତ୍ରମ୍, ମାତ୍ର ଉତ୍ତରଂ ଲିଖ, ଏଠାରେ 'ଲିଖ' ସମାପିକା କ୍ରିୟା ଏବଂ ପରକାଳକୁ ବୁଝାଉଛି । ସମାପିକାକ୍ରିୟାର କର୍ମ ହେଉଛି ଉତ୍ତରମ୍'। ଦୃଷ୍ଟ୍ୱା-କୃଦନ୍ତ, ଲିଖ-ତିଙନ୍ତ।** ତ୍ୱମ୍- 'ଦୃଷ୍ଟ୍ୱା' ଓ 'ଲିଖ' ଉଭୟ ପଦର କର୍ତ୍ତା।

୧୧. ପଠିତୁମ୍ - (ପଠ୍+ତୁମୁନ୍) ଅର୍ଥାତ୍ ପଢ଼ିବା ପାଇଁ / ପଢ଼ିବାକୁ । ଏହା **ପରକାଳବୋଧକ ଅସମାପିକା କ୍ରିୟା** ଏବଂ **ଏଠାରେ ଗଚ୍ଛତି ସମାପିକାକ୍ରିୟା ତଥା ପୂର୍ବକାଳବୋଧକ । ଅର୍ଥାତ୍ ପ୍ରଥମେ ଯାଉଛି, ପରେ ପଢ଼ିବାନିମିତ୍ତ କାମହେବ। ଉଭୟ ପରକାଳ ଏବଂ ପୂର୍ବକାଳର କର୍ତ୍ତା 'ଛାତ୍ରଃ'। ପଠିତୁଂ** ଓ **ଗଚ୍ଛତି** କ୍ରିୟା ଦୁଇଟି ଜଣେ କର୍ତ୍ତାଦ୍ୱାରା ସାଧିତ ହେଉଛି।

## ଅଭ୍ୟାସ

**୧. ଅଧସ୍ତନବାକ୍ୟେଷୁ "କୃଦନ୍ତ ପଦାନି" ନିରୂପୟତ-**

(କ) ଶିଶୁଃ ଧାବନ୍ ଅପତତ୍। (ଖ) ରାମଃ ଗ୍ରାମଂ ଗତବାନ୍।

(ଗ) ଗୋପାଳଃ ପୁରୀମ୍ ଆଗତଃ। (ଘ) ମୟା ଜଗନ୍ନାଥଃ ଦୃଷ୍ଟଃ।

(ଙ) ଛାଗଃ ଚରିତୁଂ ଗଚ୍ଛତି। (ଚ) ରାମସ୍ୟ ଭାଷଣଂ ମଧୁରମ୍।

(ଛ) ତସ୍ୟ ଧନଂ ପ୍ରତି ଲୋଭଃ ନାସ୍ତି। (ଜ) ଶ୍ରବଣଂ କୁରୁ।

(ଝ) ଗୁରୁଜନଂ ସେବମାନଃ ଜନଃ ସୁଖୀ। (ଞ) ବିଦ୍ୟାଂ ପଠିତ୍ୱା ଜ୍ଞାନୀ ଭବ।

**୨. ଉଦାହରଣାନୁସାରଂ ଶୂନ୍ୟସ୍ଥାନଂ ପୂରୟତ-**

ଯଥା (କ) କୃ + କ୍ତ୍ୱା = କୃତ୍ୱା

ତଥା - ନୀ + ______ = ନୀତ୍ୱା

______ + କ୍ତ୍ୱା = ଶ୍ରୁତ୍ୱା

ସ୍ଥା + ______ = ସ୍ଥିତ୍ୱା

______ + ______ = ଜ୍ଞାତ୍ୱା

ଯଥା - (ଖ) ଦା + ଲ୍ୟୁଟ୍ = ଦାନମ୍

ତଥା - ପଠ୍ + ______ = ପଠନମ୍

______ + ଲ୍ୟୁଟ୍ = ଦର୍ଶନମ୍

ଭ୍ରମ୍ + ______ = ଭ୍ରମଣମ୍

______ + ______ = ବଚନମ୍

ଯଥା - (ଗ) ଦୃଶ୍ + କ୍ତ = ଦୃଷ୍ଟଃ

ତଥା - କୃଷ୍ + କ୍ତ = ______

______ + କ୍ତ = ଶିଷ୍ଟଃ

ନଶ୍ + ______ = ନଷ୍ଟଃ

## 'ଶତୃ' ଓ 'ଶାନଚ୍'

କର୍ତ୍ତୃବାଚ୍ୟରେ ବର୍ତ୍ତମାନ କାଳରେ ପରସ୍ମୈପଦୀ ଧାତୁରେ 'ଶତୃ' ପ୍ରତ୍ୟୟ ଏବଂ ଆତ୍ମନେପଦୀ ଧାତୁରେ 'ଶାନଚ୍' ପ୍ରତ୍ୟୟ ଲାଗେ। ଉକ୍ତ ପତ୍ୟୟ ନିଷ୍ପନ୍ନପଦ ବିଶେଷଣ। ତେଣୁ ବିଶେଷ୍ୟପଦର ଲିଙ୍ଗ, ବିଭକ୍ତି ବଚନ ଅନୁସାରେ ଶତୃ ତଥା ଶାନଚ୍ ପ୍ରତ୍ୟୟ ଯୁକ୍ତ କୃଦନ୍ତ ପଦଗୁଡ଼ିକର ରୂପ ଗଠିତ ହୁଏ।

## ଶତୃ (ଅତ୍)

'ଶତୃ' ପ୍ରତ୍ୟୟରୁ 'ଅତ୍' ଅବଶିଷ୍ଟ ରହେ। ଧାତୁ ପରେ 'ଶତୃ' ପ୍ରତ୍ୟୟ ଲାଗିଲେ ତା'ର ସ୍ୱତନ୍ତ୍ର ରୂପ (ଶତୃ ପ୍ରତ୍ୟୟାନ୍ତ ପଦର ମୂଳରୂପ) ସୃଷ୍ଟି ହୁଏ। ଯଥା - ଗମ୍ + ଶତୃ = ଗଚ୍ଛତ୍, ପଠ୍ + ଶତୃ = ପଠତ୍ , ଦୃଶ୍ + ଶତୃ = ପଶ୍ୟତ୍, ଦା + ଶତୃ = ଦଦତ୍, ଭୀ + ଶତୃ = ବିଭ୍ୟତ୍।

**ମନେରଖ -**

**ଧାତୁର ଲଟ୍ ଲକାର ପ୍ରଥମ ପୁରୁଷ ବହୁ ବଚନରେ ଶେଷକୁ 'ନ୍ତି' ବା 'ତି' ଥାଏ। ଗଚ୍ଛନ୍ତି, ଦଦତି ଇତ୍ୟାଦି । ଏହି 'ନ୍ତି' ବା 'ତି' ସ୍ଥାନରେ 'ତ୍' କରାଗଲେ ଶତୃ ପ୍ରତ୍ୟୟଯୁକ୍ତ ମୂଳ କୃଦନ୍ତ ପଦଟି ତିଆରି ହୋଇଥାଏ।**

ଗଚ୍ଛନ୍ତି ରୁ ଗଚ୍ଛତ୍ (ଗମ୍+ଶତୃ) ବିଭ୍ୟତି ରୁ ବିଭ୍ୟତ୍ (ଭୀ+ଶତୃ) ଦଦତିରୁ ଦଦତ୍ (ଦା + ଶତୃ) ଇତ୍ୟାଦି।

'ନ୍ତି' ଲୋପପରେ 'ତ୍' ହୋଇଥିବା ଶତୃ ପ୍ରତ୍ୟୟାନ୍ତ ପଦ ବିଶେଷଣ ହେତୁ ପୁଂଲିଙ୍ଗରେ ଗଚ୍ଛତ୍ ଶବ୍ଦ ପରି ସ୍ତ୍ରୀଲିଙ୍ଗରେ ଙୀପ୍ ପ୍ରତ୍ୟୟଯୁକ୍ତ ହୋଇ ନଦୀ ଶବ୍ଦପରି ଏବଂ କ୍ଳୀବଲିଙ୍ଗରେ ଗଚ୍ଛତ୍ ଶବ୍ଦ ପରି ରୂପ ହୁଏ ।

ମାତ୍ର ଦଦତ୍, ବିଭ୍ୟତ୍, ଶାସତ୍ ପରି କେତେକ ଶବ୍ଦର ରୂପ ପୁଂଲିଙ୍ଗରେ 'ଭୂଭୃତ୍' ଶବ୍ଦ ପରି ସ୍ତ୍ରୀଲିଙ୍ଗରେ ଙୀପ୍ ପ୍ରତ୍ୟୟଯୁକ୍ତ ହୋଇ ନଦୀ ଶବ୍ଦ ପରି ଏବଂ କ୍ଳୀବଲିଙ୍ଗରେ ଦଦତ୍ ଶବ୍ଦ ପରି ରୂପ ହୁଏ । ପ୍ରାୟ 'ତି' ଲୋପ ହୋଇ 'ତ୍' ହୋଇଥିବା ପଦର ଭୂଭୃତ୍ ପରି ରୂପ ହୁଏ ।

| **ମୂଳଧାତୁ** | **ଶତୃ ପ୍ରତ୍ୟୟ ନିଷ୍ପନ୍ନ ମୂଳ କୃଦନ୍ତ ପଦ** | **ପୁଂଲିଙ୍ଗ** | **ସ୍ତ୍ରୀଲିଙ୍ଗ** | **କ୍ଳୀବଲିଙ୍ଗ** |
|---|---|---|---|---|
| ଗମ୍- | ଗଚ୍ଛତ୍ | ଗଚ୍ଛନ୍ | ଗଚ୍ଛନ୍ତୀ | ଗଚ୍ଛତ୍ |
| ସ୍ଥା- | ତିଷ୍ଠତ୍ | ତିଷ୍ଠନ୍ | ତିଷ୍ଠନ୍ତୀ | ତିଷ୍ଠତ୍ |
| ଦା- | ଦଦତ୍ | ଦଦତ୍ | ଦଦତୀ | ଦଦତ୍ |
| ଭୀ- | ବିଭ୍ୟତ୍ | ବିଭ୍ୟତ୍ | ବିଭ୍ୟତୀ | ବିଭ୍ୟତ୍ |
| ଶାସ୍- | ଶାସତ୍ | ଶାସତ୍ | ଶାସତୀ | ଶାସତ୍ |

## ଶତୃ ପ୍ରତ୍ୟୟାନ୍ତ ପଦର ପ୍ରୟୋଗାତ୍ମକ ଉଦାହରଣ

(କ) ବାଳକଟି ଯାଉଥିବାବେଳେ (ବା ଯାଉଯାଉ କିମ୍ବା ଯାଉଥିବା ବାଳକଟି) ପଡ଼ିଗଲା- ବାଳକଃ ଗଚ୍ଛନ୍ ଅପତତ୍ ।

(ଖ) ଯାଉଥିବା ବାଳକଟିକୁ ଦେଖ - ଗଚ୍ଛନ୍ତଂ ବାଳକଂ ପଶ୍ୟ ।

(ଗ) ଯାଉଥିବା ଭିକାରିକୁ ଟଙ୍କାଟିଏ ଦିଅ - ଗଚ୍ଛତେ ଭିକ୍ଷୁକାୟ ଏକଂ ରୂପ୍ୟକଂ ଦେହି ।

(ଘ) ଯାଉଥିବା ବାଳକଟିର ନାମ କ'ଣ ?
ଗଚ୍ଛତଃ ବାଳକସ୍ୟ ନାମ କିମ୍ ?

(ଙ) ଝିଅଟି ଯାଉଯାଉ / ଯାଉଥିବାବେଳେ ପଡ଼ିଗଲା ।
ବାଳିକା ଗଚ୍ଛନ୍ତୀ ଅପତତ୍ ।

(ଚ) ଗାଡ଼ିଟି ଯାଉଯାଉ ପଡ଼ିଗଲା ।
ଯାନଂ ଗଚ୍ଛତ୍ ଅପତତ୍ ।

(ଛ) ଦେଖୁଥିବା / ଚାହୁଁଥିବା ଝିଅର ଘର କେଉଁଠି ?
ପଶ୍ୟନ୍ତ୍ୟାଃ ବାଳିକାୟାଃ ଗୃହଂ କୁତ୍ର ?

(ଜ) ଗଛରୁ ପଡୁଥିବା ଫଳଗୁଡ଼ିକ ଆଣ ।
ବୃକ୍ଷାତ୍ ପତନ୍ତି ଫଳାନି ଆନୟ ।

ଉପରି ଲିଖିତ ଉଦାହରଣଗୁଡ଼ିକୁ ଲକ୍ଷ୍ୟକଲେ ଜଣାଯାଏ- ବିଶେଷ୍ୟ ଅନୁସାରେ ଶତୃ ପ୍ରତ୍ୟୟାନ୍ତ ରୂପ ନିରୂପିତ ହୋଇଛି ।

ଯଥା- (କ) ବାକ୍ୟରେ ବିଶେଷ୍ୟ **ବାଳକଃ** ପୁଂଲିଙ୍ଗ ପ୍ରଥମା ବିଭକ୍ତି ଏକବଚନରେ ଥିବାରୁ ବିଶେଷଣ ରୂପେ **ଗଚ୍ଛତ୍** ଶବ୍ଦ ମଧ୍ୟ ପୁଂଲିଙ୍ଗ ପ୍ରଥମା ବିଭକ୍ତି ଏକବଚନରେ **'ଗଚ୍ଛନ୍'** ହୋଇଛି ।

(ଖ) ବାକ୍ୟରେ **ବାଳକଂ** ପୁଂଲିଙ୍ଗ ୨ୟା ବିଭକ୍ତି ଏକବଚନରେ ଥିବାରୁ ତା'ର ବିଶେଷଣ ରୂପେ **ଗଚ୍ଛତ୍** ଶବ୍ଦର ପୁଂଲିଙ୍ଗ ୨ୟା ବିଭକ୍ତି ଏକବଚନ ରୂପ **'ଗଚ୍ଛନ୍ତମ୍'** ହୋଇଛି ।

(ଗ) ବାକ୍ୟରେ **'ଭିକ୍ଷୁକାୟ'** ପୁଂଲିଙ୍ଗ ୪ର୍ଥୀ ବିଭକ୍ତି ଏକବଚନରେ ଥିବାରୁ ତା'ର ବିଶେଷଣ **ଗଚ୍ଛତ୍** ଶବ୍ଦର ପୁଂଲିଙ୍ଗ ୪ର୍ଥୀ ବିଭକ୍ତି ଏକବଚନରେ **'ଗଚ୍ଛତେ'** ହୋଇଛି ।

(ଘ) ବାକ୍ୟରେ **'ବାଳକସ୍ୟ'** ପୁଂଲିଙ୍ଗ ଷଷ୍ଠୀ ବିଭକ୍ତି ଏକବଚନରେ ଥିବାରୁ ତା'ର ବିଶେଷଣ **ଗଚ୍ଛତ୍** ଶବ୍ଦର ପୁଂଲିଙ୍ଗ ୬ଷ୍ଠୀ ଏକବଚନରେ **'ଗଚ୍ଛତଃ'** ହୋଇଛି।

(ଙ) ବାକ୍ୟରେ **'ବାଳିକା'** ସ୍ତ୍ରୀଲିଙ୍ଗ ୧ମା ବିଭକ୍ତି ଏକବଚନ ହୋଇଥିବାରୁ ତା'ର ବିଶେଷଣ **ଗଚ୍ଛତ୍** ଶବ୍ଦର ସ୍ତ୍ରୀଲିଙ୍ଗ ପ୍ରଥମା ବିଭକ୍ତି ଏକବଚନ **'ଗଚ୍ଛନ୍ତୀ'** ହେଲା ।

(ଚ) ବାକ୍ୟରେ **'ଯାନଂ'** କ୍ଲୀବଲିଙ୍ଗ ପ୍ରଥମା ବିଭକ୍ତି ଏକବଚନ ହୋଇଥିବାରୁ ତା'ର ବିଶେଷଣ **ଗଚ୍ଛତ୍** ଶବ୍ଦର କ୍ଲୀବଲିଙ୍ଗ ପ୍ରଥମା ବିଭକ୍ତି ଏକବଚନରେ **'ଗଚ୍ଛତ୍'** ହେଲା ।

(ଛ) ବାକ୍ୟରେ **'ବାଳିକାୟାଃ'** ସ୍ତ୍ରୀଲିଙ୍ଗ ୬ଷ୍ଠୀ ବିଭକ୍ତି ଏକବଚନ ହୋଇଥିବାରୁ **ପଶ୍ୟତ୍** ଶବ୍ଦର ସ୍ତ୍ରୀଲିଙ୍ଗ **ପଶ୍ୟନ୍ତୀ**ର ୬ଷ୍ଠୀ ବିଭକ୍ତି ଏକବଚନ ରୂପ **'ପଶ୍ୟନ୍ତ୍ୟାଃ'** ହୋଇଛି ।

(ଜ) ବାକ୍ୟରେ **'ଫଳାନି'** କ୍ଲୀବଲିଙ୍ଗ ୧ମା ବିଭକ୍ତି ବହୁବଚନରେ ରହିଥିବାରୁ ତା'ର ବିଶେଷଣ ପତତ୍ ଶବ୍ଦର କ୍ଲୀବଲିଙ୍ଗ ୧ମା ବିଭକ୍ତି ବହୁବଚନରେ **'ପତନ୍ତି'** ହୋଇଛି ।

**ଏଠାରେ ପତନ୍ତି-ତିଙନ୍ତ ରୂପ ନୁହେଁ- (ପତତ୍, ପତନ୍ତୀ, ପତନ୍ତି ଶବ୍ଦରୂପ)**

**ମନେରଖ :-**

ଭ୍ୱାଦିଗଣୀୟ ଓ ଦିବାଦିଗଣୀୟ ଧାତୁ ନିଷ୍ପନ୍ନ ଶତୃ ପ୍ରତ୍ୟୟାନ୍ତ ଶବ୍ଦର ସ୍ତ୍ରୀଲିଙ୍ଗରେ 'ନ୍'ର ଆଗମ ହୁଏ- ଯଥା : ଭବତ୍-ଭବନ୍ତୀ, ଗଚ୍ଛତ୍-ଗଚ୍ଛନ୍ତୀ, ଦୀବ୍ୟତ୍-ଦୀବ୍ୟନ୍ତୀ, ନଶ୍ୟତ୍-ନଶ୍ୟନ୍ତୀ ।

ତୁଦାଦି ଗଣୀୟ ଓ ଆକାରାନ୍ତ ଅଦାଦିଗଣୀୟ ଧାତୁ ନିଷ୍ପନ୍ନ ଶତୃ ପ୍ରତ୍ୟୟାନ୍ତ ଶବ୍ଦର ସ୍ତ୍ରୀଲିଙ୍ଗରେ ବିକଳ୍ପରେ 'ନ୍'ର ଆଗମ ହୁଏ । ଯଥା: ତୁଦତ୍ - ତୁଦତୀ, ତୁଦନ୍ତୀ । ସ୍ନା- ସ୍ନାତୀ, ସ୍ନାନ୍ତୀ । ମା- ମାତୀ, ମାନ୍ତୀ ।

କେତେକ ଶତୃ ପ୍ରତ୍ୟୟାନ୍ତ ଶବ୍ଦର ମୂଳଧାତୁ, ପୁଂଲିଙ୍ଗ ଏବଂ ସ୍ତ୍ରୀଲିଙ୍ଗର ଉଦାହରଣ

| **ମୂଳଧାତୁ** | **ଶତୃ ପ୍ରତ୍ୟୟାନ୍ତ ଶବ୍ଦ** | **ପୁଂଲିଙ୍ଗ** | **ସ୍ତ୍ରୀଲିଙ୍ଗ** |
|---|---|---|---|
| ପଠ୍ | ପଠତ୍ | ପଠନ୍ | ପଠନ୍ତୀ |
| ପ୍ରଚ୍ଛ୍ | ପୃଚ୍ଛତ୍ | ପୃଚ୍ଛନ୍ | ପୃଚ୍ଛନ୍ତୀ |
| ଦୃଶ୍ | ପଶ୍ୟତ୍ | ପଶ୍ୟନ୍ | ପଶ୍ୟନ୍ତୀ |
| ପା | ପିବତ୍ | ପିବନ୍ | ପିବନ୍ତୀ |
| ସ୍ଥା | ତିଷ୍ଠତ୍ | ତିଷ୍ଠନ୍ | ତିଷ୍ଠନ୍ତୀ |
| କୃ | କୁର୍ବତ୍ | କୁର୍ବନ୍ | କୁର୍ବତୀ |
| ଦା | ଦଦତ୍ | ଦଦତ୍ | ଦଦତୀ |
| ଅସ | ସତ୍ | ସନ୍ | ସତୀ |
| ଭୀ | ବିଭ୍ୟତ୍ | ବିଭ୍ୟତ୍ | ବିଭ୍ୟତୀ |
| ଶ୍ରୁ | ଶୃଣ୍ୱତ୍ | ଶୃଣ୍ୱନ୍ | ଶୃଣ୍ୱତୀ |
| ଗୈ | ଗାୟତ୍ | ଗାୟନ୍ | ଗାୟନ୍ତୀ |
| ହନ୍ | ଘ୍ନତ୍ | ଘ୍ନନ୍ | ଘ୍ନନ୍ତୀ |
| କ୍ରୀ | କ୍ରୀଣତ୍ | କ୍ରୀଣନ୍ | କ୍ରୀଣତୀ |

## ଅଭ୍ୟାସ

**୧। ଉଦାହରଣାନୁସାରଂ ଶୂନ୍ୟସ୍ଥାନଂ ପୂରୟତ ।**

ଯଥା:- ଭୂ + ଶତୃ = ଭବତ୍ - ପୁଂଲିଙ୍ଗେ ଭବନ୍ - ସ୍ତ୍ରୀଲିଙ୍ଗେ ଭବନ୍ତୀ

ତଥା - ଜ୍ଞା + ଶତୃ = ________ ________ ________

ନୀ + ଶତୃ = ________ ________ ________

ହସ୍ + ଶତୃ = ________ ________ ________

ରକ୍ଷ୍ + ଶତୃ = ________ ________ ________

ଶାସ୍ + ଶତୃ = ________ ଶାସତ୍ ଶାସତୀ

୨। ଏକପଦେନ ଅର୍ଥଂ ପ୍ରକାଶୟତ ।

ଯଥା:- ଗମନଂ କୁର୍ବନ୍ ବା ଗଚ୍ଛତି ଯଃ = ଗଚ୍ଛନ୍

ଗମନଂ କୁର୍ବତୀ ବା ଗଚ୍ଛତି ଯା = ଗଚ୍ଛନ୍ତୀ

ଗମନଂ କୁର୍ବତ୍ ବା ଗଚ୍ଛତି ଯତ୍ = ଗଚ୍ଛତ୍

ତଥା - ଗାନଂ କୁର୍ବନ୍-

ସ୍ମରଣଂ କୁର୍ବନ୍ -

ପଠତି ଯଃ -

ପଶ୍ୟତି ଯା -

ଶୃଣୋତି ଯା -

ପାନଂ କୁର୍ବନ୍ -

କରୋତି ଯତ୍ -

ପତତି ଯତ୍ -

ଧାବତି ଯଃ -

ପଠତଃ ଯୌ -

ପଠନ୍ତି ଯେ -

ପତନ୍ତି ଯାନି -

ପଶ୍ୟନ୍ତି ଯାଃ

## ଶାନଚ୍ ପ୍ରତ୍ୟୟ (ଆନ, ମାନ, ଈନ)

'ଶତୃ' ପ୍ରତ୍ୟୟ ପରି 'ଶାନଚ୍' ପ୍ରତ୍ୟୟ ବିଶେଷଣ ରୂପେ ବ୍ୟବହୃତ ହୁଏ । ଆତ୍ମନେପଦୀ ଧାତୁ ପରେ 'ଶାନଚ୍' ପ୍ରତ୍ୟୟ ଲାଗେ ।

ଦୁଇଟି କ୍ରିୟା ଏକକାଳରେ ସମାହିତ ହେଲେ ତହିଁ ମଧ୍ୟରୁ ପୂର୍ବ କ୍ରିୟାରେ ବିଶେଷଣ ରୂପେ ଶାନଚ୍ ପ୍ରତ୍ୟୟ ବ୍ୟବହାର କରାଯାଏ । ଶାନଚ୍ ପ୍ରତ୍ୟୟଯୁକ୍ତ ଶବ୍ଦର ପୁଂଲିଙ୍ଗରେ 'ବାଳକ' ଶବ୍ଦ ପରି, ସ୍ତ୍ରୀଲିଙ୍ଗରେ ଟାପ୍ ପ୍ରତ୍ୟୟଯୁକ୍ତ ହୋଇ 'ଲତା' ଶବ୍ଦ ପରି ଏବଂ କ୍ଳୀବଲିଙ୍ଗରେ 'ଫଳ' ଶବ୍ଦ ପରି ରୂପ ହୁଏ ।

ଯଥା:- (୧) ପୁରସ୍କାରଂ ଲଭମାନଃ ବାଳକଃ ହସତି ।

(୨) ପିତରୌ ସେବମାନଃ ପୁତ୍ରଃ ସୁଖୀ ଭବତି

(୩) ଗୁରୁଜନେଭ୍ୟଃ ଲଜ୍ଜମାନା ବାଳିକା ନ ବଦତି ।

(୪) କମ୍ପମାନଂ ପୁଷ୍ପଂ ଭୂମୌ ଅପତତ୍ ।

(୧) ବାକ୍ୟରେ ଲଭମାନଃ (ଲଭ୍ + ଶାନଚ୍) ୧ମା ବିଭକ୍ତି ପୁଂଲିଙ୍ଗ ଏକବଚନ 'ବାଳକଃ'ର ବିଶେଷଣ ।

(୨) ବାକ୍ୟରେ ସେବମାନଃ (ସେବ୍ + ଶାନଚ୍) ପୁଂଲିଙ୍ଗ ୧ମା ବିଭକ୍ତି ଏକବଚନ 'ପୁତ୍ରଃ'ର ବିଶେଷଣ ।

(୩) ବାକ୍ୟରେ ଲଜ୍ଜମାନା (ଲଜ୍ + ଶାନଚ୍ + ଟାପ୍) ସ୍ତ୍ରୀଲିଙ୍ଗ ୧ମା ବିଭକ୍ତି ଏକବଚନ ବାଳିକାର ବିଶେଷଣ ।

(୪) ବାକ୍ୟରେ କମ୍ପମାନଂ (କମ୍ପ୍ + ଶାନଚ୍) କ୍ଳୀବଲିଙ୍ଗ ୧ମା ବିଭକ୍ତି ଏକବଚନ 'ପୁଷ୍ପଂ'ର ବିଶେଷଣ ।

ଭ୍ୱାଦିଗଣୀୟ, ତୁଦାଦିଗଣୀୟ, ଚୁରାଦିଗଣୀୟ ଓ ଦିବାଦିଗଣୀୟ ଧାତୁ ପରସ୍ଥିତ ଶାନଚ୍ ସ୍ଥାନରେ 'ମାନ' ହୁଏ । ଲଟ୍ ଲକାର ପ୍ରଥମ ପୁରୁଷ ଏକବଚନରେ ଯେଉଁ ରୂପ ହୁଏ ସେଥିରୁ 'ତେ' ପରିବର୍ତ୍ତେ 'ମାନ' ଲଗାଇଲେ ଶାନଚ୍ ପ୍ରତ୍ୟୟାନ୍ତ ଶବ୍ଦ ନିଷ୍ପନ୍ନ ହୁଏ ।

ଯଥା:- ବୃତ୍ - ବର୍ତ୍ତତେ - ବର୍ତ୍ତମାନ (ବୃତ୍ + ଶାନଚ୍)

ବୃଧ୍ + ଶାନଚ୍ = ବର୍ଦ୍ଧମାନ, ଦୀପ୍ + ଶାନଚ୍ = ଦୀପ୍ୟମାନ

ସେବ୍ + ଶାନଚ୍ = ସେବମାନ

ଯେଉଁ ଧାତୁମାନଙ୍କର ଲଟ୍‌ଲକାର ପ୍ରଥମ ପୁରୁଷ ଦ୍ୱିବଚନରେ 'ଆତେ' ଲାଗିଥାଏ (ଯଥା :- ଶୀ-ଶୟାତେ, କୃ-କୁର୍ବାତେ, କ୍ରୀ-କ୍ରୀଣାତେ, ଅଧି + ଇ = ଅଧୀୟାତେ) ସେହି ଧାତୁମାନଙ୍କର ଶାନଚ୍ ପ୍ରତ୍ୟୟରେ 'ଆନ' ହୁଏ ।

ଶୀଙ୍ + ଶାନଚ୍ = ଶୟାନ, କ୍ରୀ + ଶାନଚ୍ - କ୍ରୀଣାନ

କୃ + ଶାନଚ୍ = କୁର୍ବାଣ, ଅଧି + ଇ + ଶାନଚ୍ - ଅଧୀୟାନ

କିନ୍ତୁ 'ଆସ୍' ଧାତୁରେ 'ଶାନଚ୍' ପ୍ରତ୍ୟୟ ହେଲେ- ଶାନଚ୍ ସ୍ଥାନରେ 'ଈନ' ହୁଏ। ଯଥା:- ଆସ୍ + ଶାନଚ୍ = ଆସୀନ ।

## ବିଭିନ୍ନ ପ୍ରୟୋଗର ଉଦାହରଣ

୧ । ଆସୀନଂ ଯୁବକଂ ପଶ୍ୟ । (ବସିଥିବା ଯୁବକଙ୍କୁ ଦେଖ) । ଯୁବକଂର ବିଶେଷଣ ପୁଂଲିଙ୍ଗ ୨ୟା ବିଭକ୍ତି ହେତୁ ଆସୀନଂ (ଆସ୍ + ଶାନଚ୍) ପୁଂଲିଙ୍ଗ ୨ୟା ବିଭକ୍ତି ଏକବଚନ ହୋଇଛି ।

୨ । ଶୟାନଂ ବାଳକଂ ନ ଉତ୍ଥାପୟ । (ଶୋଇଥିବା ବାଳକକୁ ଉଠାଅ ନାହିଁ ।)

ଏଠାରେ **ବାଳକଂ** ପୁଂଲିଙ୍ଗ ୨ୟା ବିଭକ୍ତି ଏକବଚନ ତା'ର ବିଶେଷଣ **ଶୟାନଂ** (ଶୀଙ୍ + ଶାନଚ୍) ପୁଂଲିଙ୍ଗ ୨ୟା ବିଭକ୍ତି ଏକବଚନ ହୋଇଛି ।

(କର୍ମବାଚ୍ୟ ଓ ଭାବବାଚ୍ୟରେ ମଧ୍ୟ ଶାନଚ୍ ପ୍ରତ୍ୟୟ ହୁଏ । ତେନ ପଠ୍ୟମାନଂ ଶ୍ଳୋକମ୍ ଅହଂ ଶୃଣୋମି ।

ସେ ପଢୁଥିବା ଶ୍ଳୋକକୁ ମୁଁ ଶୁଣୁଛି । (ପଠ୍ + କର୍ମଣି ଶାନଚ୍)

## ଅଭ୍ୟାସ

**୧ । ଅଧସ୍ତନପଦାନାଂ ପ୍ରକୃତିଂ ପ୍ରତ୍ୟୟଂ ଚ ଲିଖତ ।**

ସେବମାନଃ, ବିଦ୍ୟମାନଃ, ବର୍ଦ୍ଧମାନଃ, କମ୍ପମାନଃ, ଶୟାନଃ, ଆସୀନଃ, ଅଧୀୟାନଃ, କୁର୍ବାଣ

**୨ । ଉଦାହରଣାନୁସାରଂ ଶୂନ୍ୟସ୍ଥାନଂ ପୂରୟତ ।**

ଯଥା:- ଶୁଭ୍ + ଶାନଚ୍ = ଶୋଭମାନଃ

ତଥା- ................ + ଶାନଚ୍ = ବେପମାନଃ

ମନ୍ + ................ = ମନ୍ୟମାନଃ

............... + ............... = ବର୍ତ୍ତମାନଃ

............... + ଶାନଚ୍ = ଯତମାନଃ

ଆସ୍ + ............... + ଟାପ୍ = ଆସୀନା

ଦା + ............... = ଦଦାନଃ

**୩। ଏକପଦେନ ଅର୍ଥଂ ପ୍ରକାଶୟତ ।**

ଦଣ୍ଡେ ଯଃ, ଲାଭଂ କୁର୍ବନ୍, ଶୟନଂ କୁର୍ବାଣଃ, ଲଭତେ ଯା, ବେପତେ ଯତ୍, କମ୍ପନ୍ତେ ଯେ, ଲଭତେ ଯତ୍, କୁରୁତେ ଯଃ, ଦାନଂ କୁର୍ବାଣା

## 'କ୍ତ୍ୱା' ପ୍ରତ୍ୟୟ (ତ୍ୱା)

ସାଧାରଣତଃ ବାକ୍ୟରେ ପୂର୍ବକାଳ ବୋଧକ (ପ୍ରଥମେ ସମ୍ପନ୍ନ ହେଉଥିବା କ୍ରିୟା) ଅସମାପିକା କ୍ରିୟାପଦ ଗଠନ ପାଇଁ 'କ୍ତ୍ୱା' ପ୍ରତ୍ୟୟ ବ୍ୟବହାର କରାଯାଏ । **ଗୋଟିଏ ବାକ୍ୟରେ ସମାପିକା କ୍ରିୟା (ପରେ ହେଉଥିବା କ୍ରିୟା) ଏବଂ ଅସମାପିକା କ୍ରିୟାର କର୍ତ୍ତା ସମାନ ହେଲେ ଧାତୁରେ ଏହି 'କ୍ତ୍ୱା' ପ୍ରତ୍ୟୟ ହୁଏ ।**

ଯଥା :- ରାମଃ ଖାଦିତ୍ୱା ବିଦ୍ୟାଳୟମ୍ ଅଗଚ୍ଛତ୍ ।

ରାମ ଖାଇସାରି ବିଦ୍ୟାଳୟକୁ ଗଲା । ଏଠାରେ 'ଖାଦିତ୍ୱା' ଅସମାପିକା କ୍ରିୟା ଏବଂ ପୂର୍ବକାଳବୋଧକ ଅର୍ଥାତ୍ ପ୍ରଥମେ ଖାଇବା କାମ ସମ୍ପନ୍ନ ହେଉଛି ତା'ପରେ ବିଦ୍ୟାଳୟକୁ ଯିବା କାମ (ଅଗଚ୍ଛତ୍) ସମାପିକା କ୍ରିୟା ପରକାଳରେ ସମ୍ପନ୍ନ ହେଉଛି । ଉଭୟ କ୍ରିୟାର କର୍ତ୍ତା ରାମ । ତେଣୁ ପୂର୍ବକାଳରେ ଖାଦିତ୍ୱା (ଖାଦ୍ + କ୍ତ୍ୱା) ବ୍ୟବହୃତ ହୋଇଛି । ସମାପିକା କ୍ରିୟା **ଏବଂ ଅସମାପିକା କ୍ରିୟାର କର୍ତ୍ତା ପୃଥକ୍ ହେଲେ 'କ୍ତ୍ୱା' ପ୍ରତ୍ୟୟ ହୁଏ ନାହିଁ ।** 'କ୍ତ୍ୱା' ପ୍ରତ୍ୟୟାନ୍ତ ପଦଗୁଡ଼ିକ ଅବ୍ୟୟ ।

ସାଧାରଣତଃ ଦେଖି, ଶୁଣି, ପଢ଼ି, ଖାଇ, ଯାଇ, ହସି, ଜାଣି ବା ଦେଖିବା ପରେ ଶୁଣିବା ପରେ ପ୍ରଭୃତି ଅର୍ଥ ବୁଝାଉଥିଲେ ଏହି 'କ୍ତ୍ୱା' ପ୍ରତ୍ୟୟ ହୁଏ ।

କେତେକ ପ୍ରୟୋଗର ଉଦାହରଣ -

୧. ତବ ବଚନଂ ଶ୍ରୁତ୍ୱା ହରିଃ ଅକୁପ୍ୟତ୍ । (ଶ୍ରୁ + କ୍ତ୍ୱା)

ତୁମ କଥା ଶୁଣି ହରି ରାଗିଥିଲା ।

୨. ଗୋପାଳଃ ଗାଃ ଦୁଗ୍ଧ୍ୱା ବିପଣୀଂ ନୟତି (ଦୁହ୍ + କ୍ତ୍ୱା)

ଗୋପାଳ ଗାଈ ଦୁହିଁ ବଜାରକୁ ନେଉଛି ।

୩. ତ୍ୱଂ ଚିତ୍ରଂ ଦୃଷ୍ଟ୍ୱା ଉତ୍ତରଂ ଲିଖ । (ଦୃଶ୍ + କ୍ତ୍ୱା)

ତୁମେ ଛବି ଦେଖି ଉତ୍ତର ଲେଖ ।

ଚି + କ୍ତ୍ୱା = ଚିତ୍ୱା (ତୋଳି) ଚୟନ କରି

ଦା + କ୍ତ୍ୱା = ଦତ୍ତ୍ୱା (ଦେଇ)

ବଚ୍ + କ୍ତ୍ୱା = ଉକ୍ତ୍ୱା (କହି)

ଦୃଶ୍ + କ୍ତ୍ୱା = ଦୃଷ୍ଟ୍ୱା (ଦେଖି)

ପ୍ରଚ୍ଛ୍ + କ୍ତ୍ୱା = ପୃଷ୍ଟ୍ୱା (ପଚାରି)

ବନ୍ଧ୍ + କ୍ତ୍ୱା = ବଦ୍ଧ୍ୱା (ବାନ୍ଧି)

ଦହ୍ + କ୍ତ୍ୱା = ଦଗ୍ଧ୍ୱା (ପୋଡ଼ି / ଦହନ କରି)

ଦୁହ୍ + କ୍ତ୍ୱା = ଦୁଗ୍ଧ୍ୱା (ଦୁହିଁ / ଦୋହନ କରି)

ଲଭ୍ + କ୍ତ୍ୱା = ଲବ୍ଧ୍ୱା (ଲାଭକରି)

ପଚ୍ + କ୍ତ୍ୱା = ପକ୍ତ୍ୱା (ରାନ୍ଧି)

ଯଜ୍ + କ୍ତ୍ୱା = ଇଷ୍ଟ୍ୱା (ଯଜ୍ଞକରି)

ଭୁଜ୍ + କ୍ତ୍ୱା = ଭୁକ୍ତ୍ୱା (ଭୋଗକରି)

ସହ୍ + କ୍ତ୍ୱା = ସୋଢ୍ୱା (ସହି)

ବହ୍ + କ୍ତ୍ୱା = ଊଢ୍ୱା (ବହନକରି)

ବସ୍ + କ୍ତ୍ୱା = ଉଷିତ୍ୱା (ବାସକରି)

କେତେକ ଲ୍ୟପ୍ ପ୍ରତ୍ୟୟାନ୍ତ ଶବ୍ଦ

ପ୍ର + ବିଶ୍ + ଲ୍ୟପ୍ = ପ୍ରବିଶ୍ୟ (ପ୍ରବେଶ କରି)

ଉପ + ବିଶ୍ + ଲ୍ୟପ୍ = ଉପବିଶ୍ୟ (ବସିକରି)

ପ୍ର + ଦା + ଲ୍ୟପ୍ = ପ୍ରଦାୟ (ପ୍ରଦାନକରି)

ଆ + ଦା + ଲ୍ୟପ୍ = ଆଦାୟ (ଆଣି)

ପ୍ର + ବସ୍ + ଲ୍ୟପ୍ = ପ୍ରୋଷ୍ୟ (ପ୍ରବାସ କରି / ବାସକରି) ବସ୍ - ବସତି (ବାସକରୁଛି)

ପ୍ର + ବସ୍ + ଲ୍ୟପ୍ = ପ୍ରବସ୍ୟ (ପିନ୍ଧି) ବସ୍ - ବସ୍ତେ (ପିନ୍ଧୁଛି)

ସମ୍ + ଚି + ଲ୍ୟପ୍ = ସଞ୍ଚିତ୍ୟ (ସଞ୍ଚୟ କରି)

ସମ୍ + ଚିନ୍ତ୍ + ଲ୍ୟପ୍ = ସଞ୍ଚିନ୍ତ୍ୟ (ଚିନ୍ତାକରି)

ପ୍ର + ନମ୍ + ଲ୍ୟପ୍ = ପ୍ରଣମ୍ୟ / ପ୍ରଣତ୍ୟ (ପ୍ରଣାମ କରି)

ଆ + ଗମ୍ + ଲ୍ୟପ୍ = ଆଗମ୍ୟ / ଆଗତ୍ୟ (ଆସି)

ନି + ଶମ୍ + ଣିଚ୍ + ଲ୍ୟପ୍ = ନିଶମ୍ୟ (ଶୁଣି)

ନି + ଶମ୍ + ଣିଚ୍ + ଲ୍ୟପ୍ = ନିଶାମ୍ୟ (ଦେଖି)

ପ୍ର + ଆପ୍ + ଲ୍ୟପ୍ = ପ୍ରାପ୍ୟ (ପାଇ / ଲାଭକରି)

ଅଭି + ଧା + ଲ୍ୟପ୍ = ଅଭିଧାୟ (କହି)

ପରି + ଧା + ଲ୍ୟପ୍ = ପରିଧାୟ (ପିନ୍ଧି)

ବି + ହା + ଲ୍ୟପ୍ = ବିହାୟ (ତ୍ୟାଗକରି)

ବି + ଧା + ଲ୍ୟପ୍ = ବିଧାୟ (କରି)

ବି + ଲୋକ୍ + ଲ୍ୟପ୍ = ବିଲୋକ୍ୟ (ଦେଖି)

ଉପ + ଇ + ଲ୍ୟପ୍ = ଉପେତ୍ୟ (ନିକଟକୁ ଯାଇ)

ଉତ୍ + ସ୍ଥା + ଲ୍ୟପ୍ = ଉତ୍ଥାୟ (ଉଠି)

## ଅଭ୍ୟାସ

**୧। ପ୍ରକୃତିଂ ପ୍ରତ୍ୟୟଂ ଚ ନିରୂପୟତ ।**

କୃଷ୍ଟ୍ୱା, ବିହାୟ, ଉତ୍ଥାୟ, ପରିଧାୟ, ଆଗମ୍ୟ, ଲବ୍ଧ୍ୱା, ଭୀତ୍ୱା, ରୁଦିତ୍ୱା

**୨। ଏକପଦେନ ଅର୍ଥଂ ପ୍ରକାଶୟତ ।**

ପ୍ରବାସାତ୍ ପରମ୍, ପ୍ରଦାନାତ୍ ଅନନ୍ତରମ୍, ଦାନଂ କୃତ୍ୱା, ଶ୍ରବଣାତ୍ ଅନନ୍ତରମ୍, ଅବଲୋକନାତ୍ ପରମ୍

**୩। ଉଦାହରଣାନୁସାରଂ ଶୂନ୍ୟସ୍ଥାନଂ ପୂରୟତ ।**

ଯଥା- ବି + କୄ + ଲ୍ୟପ୍ = ବିକୀର୍ଯ୍ୟ

ତଥା- ବି + ସ୍ତୄ + ଲ୍ୟପ୍ =

ନି + ଶମ୍ + _______ + ଲ୍ୟପ୍ = ନିଶମ୍ୟ

ପ୍ର + _______ + ଲ୍ୟପ୍ = ପ୍ରୋକ୍ଷ୍ୟ

ଅଧି + ବସ୍ + _______ = ଅଧ୍ୟୁଷ୍ୟ

ଉତ୍ + _______ + ଲ୍ୟପ୍ = ଉଦ୍ଧୃତ୍ୟ

ନି + _______ + ଲ୍ୟପ୍ = ନିହତ୍ୟ

ଉପ + _______ + ଲ୍ୟପ୍ = ଉପସୃତ୍ୟ

ଅଧି + ସ୍ଥା + ଲ୍ୟପ୍ = _______

_______ + ସୃ + ଲ୍ୟପ୍ = ଅପସୃତ୍ୟ

## ତୁମୁନ୍ (ତୁମ୍)

ଗୋଟିଏ ବାକ୍ୟରେ ନିମିତ୍ତାର୍ଥବୋଧକ ଅସମାପିକା କ୍ରିୟା ଏବଂ ସମାପିକାକ୍ରିୟାର କର୍ତ୍ତା ସମାନ ବା ଏକ ହୋଇଥିଲେ ନିମିତ୍ତାର୍ଥବୋଧକ (ଭବିଷ୍ୟତ ବା ପରକାଳକୁ) ବୁଝାଉଥିବା ଧାତୁରେ ତୁମୁନ୍ ପ୍ରତ୍ୟୟ ହୁଏ । ସାଧାରଣତଃ ନିମନ୍ତେ, ପାଇଁ ଅର୍ଥରେ ଏହାର ବ୍ୟବହାର କରାଯାଏ । ତୁମୁନ୍ ପ୍ରତ୍ୟୟାନ୍ତ ପଦଗୁଡ଼ିକ ଅବ୍ୟୟ ।

**ଉଦାହରଣ - (୧) ଅହଂ ନୃତ୍ୟଂ ଦ୍ରଷ୍ଟୁଂ ଗମିଷ୍ୟାମି ।**

**ମୁଁ ନାଚ ଦେଖିବାକୁ ଯିବି । ଦେଖିବାକୁ ପରକାଳକୁ ବୁଝାଉଛି । ତେଣୁ ଦ୍ରଷ୍ଟୁଂ (ଦୃଶ୍ + ତୁମୁନ୍) ଅସମାପିକା କ୍ରିୟା । ଗମିଷ୍ୟାମି (ଯିବି) ସମାପିକା କ୍ରିୟା । ଉଭୟ କ୍ରିୟାର କର୍ତ୍ତା ଅହମ୍ ।**

(୨) ତ୍ୱଂ ଖାଦିତୁମ୍ ଆଗଚ୍ଛ । ତୁମେ ଖାଇବାକୁ ଆସ । ଏଠାରେ ଖାଦିତୁମ୍ (ଖାଦ୍ + ତୁମୁନ୍) ପରକାଳକୁ ବୁଝାଉଛି ।

(୩) ରାମଃ ପଠିତୁଂ ବିଦ୍ୟାଳୟଂ ଗଚ୍ଛତି ।

ଏଠାରେ ପଠିତୁମ୍ (ପଠ୍ + ତୁମୁନ୍) ପଢ଼ିବା ପାଇଁ ପରକାଳକୁ ବୁଝାଉଛି ।

**କର୍ତ୍ତା ପୃଥକ୍ ହେଲେ ତୁମୁନ୍ ପ୍ରତ୍ୟୟ ହେବ ନାହିଁ ।** ସେଠାରେ 'ତୁମର୍ଥାଚ୍ଚ ଭାବ ବଚନାତ୍' (ତୁମର୍ଥେ ୪ର୍ଥୀ) ହେବ ।

ଯଥା : (୧) ରାମ ଶ୍ୟାମକୁ ପଢ଼ିବାକୁ କହିଲା ।

ରାମଃ ଶ୍ୟାମଂ ପଠନାୟ ଅବଦତ୍ ।

(୨) ହରି ଶ୍ୟାମକୁ ଯିବା ପାଇଁ ପ୍ରେରଣା ଦେଉଛି ।

ହରିଃ ଶ୍ୟାମଂ ଗମନାୟ ପ୍ରେରୟତି ।

୧– ବାକ୍ୟରେ ପଢ଼ିବା ଏବଂ କହିବାର କର୍ତ୍ତା ପୃଥକ୍ । ପଢ଼ିବା କ୍ରିୟାର – କର୍ତ୍ତା ଶ୍ୟାମ, କହିବା କ୍ରିୟାର କର୍ତ୍ତା ରାମ ।

୨– ବାକ୍ୟରେ ଗମନର କର୍ତ୍ତା ଶ୍ୟାମ ଏବଂ ପ୍ରେରଣାଦେଉଛିର କର୍ତ୍ତା ହରି ।

ଏଣୁ କର୍ତ୍ତା ସମାନ ହେଉ ନଥିବାରୁ 'ତୁମୁନ୍' ପ୍ରତ୍ୟୟାନ୍ତ ପଦ ବ୍ୟବହାର କରାଯିବ ନାହିଁ ।

## ଅଭ୍ୟାସ

**୧। ଉଦାହରଣାନୁସାରଂ ଶୂନ୍ୟସ୍ଥାନଂ ପୂରୟତ ।**

| | |
|---|---|
| ଯଥା :- ଦୃଶ୍ + ତୁମୁନ୍ = ଦ୍ରଷ୍ଟୁମ୍ । | ଶ୍ରୁ + ତୁମୁନ୍ = ଶ୍ରୋତୁମ୍ |
| ତଥା :- କୃ + ______ = କର୍ତ୍ତୁମ୍ | ବହ୍ + ______ = ବୋଢୁମ୍ |
| ______ + ତୁମୁନ୍ = ହନ୍ତୁମ୍ | ______ + ତୁମୁନ୍ = ଗନ୍ତୁମ୍ |
| ଲଭ୍ + ତୁମୁନ୍ = ______ | ନୀ + ______ = ନେତୁମ୍ |
| ______ + ତୁମୁନ୍ = ଦାତୁମ୍ | ତ୍ରୈ + ______ = ତ୍ରାତୁମ୍ |

**୨। ଏକପଦେନ ଅର୍ଥଂ ପ୍ରକାଶୟତ ।**

ପଠନଂ କର୍ତ୍ତୁମ୍, ଗମନସ୍ୟ ନିମିତ୍ତମ୍, ଲାଭସ୍ୟ ଅର୍ଥେ, ସଂଗ୍ରହସ୍ୟ ହେତୋଃ, ଶ୍ରବଣାୟ ଇତି

**୩। ପ୍ରକୃତିଂ ପ୍ରତ୍ୟୟଂ ଚ ନିରୂପୟତ ।**

ଭବିତୁମ୍, ବକ୍ତୁମ୍, ଗ୍ରହୀତୁମ୍, ନଷ୍ଟୁମ୍, ଜ୍ଞାତୁମ୍

## କ୍ତିନ୍ (ତି)

ଭାବ ଅର୍ଥରେ ଧାତୁରେ କ୍ତିନ୍ (ତି) ପ୍ରତ୍ୟୟ ହୁଏ । କ୍ତିନ୍ ପ୍ରତ୍ୟୟାନ୍ତ ପଦଗୁଡ଼ିକ ସ୍ତ୍ରୀଲିଙ୍ଗ । ଏହାର ରୂପ 'ମତି' ଶବ୍ଦର ରୂପ ପରି ହୁଏ । ଏହା ବିଶେଷ୍ୟ ବାଚକ ।

ଉଦାହରଣ- ଦୁର୍ବଳସ୍ୟ ଭୀତିଃ ଅସ୍ତି । (ଭୀ + କ୍ତିନ୍)

କାକସ୍ୟ ଦୃଷ୍ଟିଃ କୁଟିଳା । (ଦୃଶ୍ + କ୍ତିନ୍)

ତସ୍ୟ ଧନସ୍ୟ ହାନିଃ ଅଭବତ୍ । (ହା + କ୍ତିନ୍)

କେତେକ କ୍ତିନ୍ ପ୍ରତ୍ୟୟାନ୍ତ ପଦ -

ମ୍ଲୈ + କ୍ତିନ୍ = ମ୍ଳାନିଃ, ଗ୍ଲୈ + କ୍ତିନ୍ = ଗ୍ଲାନିଃ

ଭ୍ରମ୍ + କ୍ତିନ୍ = ଭ୍ରାନ୍ତିଃ, କ୍ଷମ୍ + କ୍ତିନ୍ = କ୍ଷାନ୍ତିଃ

ଶକ୍ + କ୍ତିନ୍ = ଶକ୍ତିଃ, ମୁଚ୍ + କ୍ତିନ୍ = ମୁକ୍ତିଃ

ସିଧ୍ + କ୍ତିନ୍ = ସିଦ୍ଧିଃ, ବୁଧ୍ + କ୍ତିନ୍ = ବୁଦ୍ଧିଃ

## ଲ୍ୟୁଟ୍ (ଅନ)

ଭାବ ଅର୍ଥରେ ଧାତୁରେ ଲ୍ୟୁଟ୍ (ଅନ) ପ୍ରତ୍ୟୟ ହୁଏ । ଲ୍ୟୁଟ୍ ପ୍ରତ୍ୟୟାନ୍ତ ପଦଗୁଡ଼ିକ ବିଶେଷ୍ୟ ଓ କ୍ଲୀବଲିଙ୍ଗ । ଏହାର ରୂପ ଫଳ ଶବ୍ଦର ରୂପପରି ହୁଏ ।

ଉଦାହରଣ- ରାମସ୍ୟ <u>ଗମନଂ</u> ସୁନ୍ଦରମ୍ । (ଗମ୍ + ଲ୍ୟୁଟ୍)

ସାଧୂନାଂ <u>ଦର୍ଶନଂ</u> ପୁଣ୍ୟମ୍ । (ଦୃଶ୍ + ଲ୍ୟୁଟ୍)

ଦିବା <u>ଶୟନଂ</u> କ୍ଷତିକରମ୍ । (ଶୀଙ୍ + ଲ୍ୟୁଟ୍)

କେତେକ ଲ୍ୟୁଟ୍ ପ୍ରତ୍ୟୟାନ୍ତ ପଦ -

ପଠ୍ + ଲ୍ୟୁଟ୍ = ପଠନମ୍, ଗ୍ରହ୍ + ଲ୍ୟୁଟ୍ = ଗ୍ରହଣମ୍

ଦା + ଲ୍ୟୁଟ୍ = ଦାନମ୍, ସ୍ମୃ + ଲ୍ୟୁଟ୍ = ସ୍ମରଣମ୍

ପା + ଲ୍ୟୁଟ୍ = ପାନମ୍, ଭୁଜ୍ + ଲ୍ୟୁଟ୍ = ଭୋଜନମ୍

## ଘଞ୍ (ଅ)

ଭାବ ଅର୍ଥରେ ଧାତୁରେ ଘଞ୍ (ଅ) ପ୍ରତ୍ୟୟ ହୋଇ ବିଶେଷ୍ୟ ପଦ ଗଠିତ ହୁଏ । ଘଞ୍ ପ୍ରତ୍ୟୟାନ୍ତ ପଦଗୁଡ଼ିକ ପୁଂଲିଙ୍ଗ । ଏହାର ରୂପ ବାଳକ ଶବ୍ଦର ରୂପ ପରି ହୋଇଥାଏ ।

ଉଦାହରଣ-

୧- <u>ଲୋଭଃ</u> ଅନନ୍ତକଃ ବ୍ୟାଧିଃ । (ଲୁଭ୍ + ଘଞ୍)

୨- ସନ୍ତାନେଷୁ ମାତୁଃ <u>ସ୍ନେହଃ</u> ଅସ୍ତି (ସ୍ନିହ୍ + ଘଞ୍)

୩- ଦୁଃଖସ୍ୟ <u>ପ୍ରତିକାରଃ</u> କଃ ? (ପ୍ରତି + କୃ + ଘଞ୍)

କେତେକ ଘଞ୍ ପ୍ରତ୍ୟୟାନ୍ତ ପଦ

| | |
|---|---|
| ପଠ୍ + ଘଞ୍ = ପାଠଃ | ଅବ + ତୃ + ଘଞ୍ = ଅବତାରଃ |
| ସମ୍ + ହୃ + ଘଞ୍ = ସଂହାରଃ | ତ୍ୟଜ୍ + ଘଞ୍ = ତ୍ୟାଗଃ |
| ପଚ୍ + ଘଞ୍ = ପାକଃ | ବିଦ୍ + ଘଞ୍ = ବେଦଃ |
| ମୁହ୍ + ଘଞ୍ = ମୋହଃ | ହନ୍ + ଘଞ୍ = ଘାତଃ |
| ଆ + ଚର୍ + ଘଞ୍ = ଆଚାରଃ | ଭୁଜ୍ + ଘଞ୍ = ଭୋଗଃ |

| | |
|---|---|
| ରୁଜ୍ + ଘଞ୍ = ରୋଗଃ | ଭଜ୍ + ଘଞ୍ = ଭାଗଃ |
| ଭନ୍‌ଜ + ଘଞ୍ = ଭଙ୍ଗଃ | ରଞ୍ଜ୍ + ଘଞ୍ = ରାଗଃ |
| ରନଜ୍ + ଘଞ୍ = ରଙ୍ଗଃ | ବନ୍ଧ୍ + ଘଞ୍ = ବନ୍ଧଃ |

## ଅଭ୍ୟାସ

**୧। ପ୍ରକୃତିଂ ପ୍ରତ୍ୟୟଂ ଚ ନିରୂପୟତ ।**

ରୋଗଃ, ସ୍ନେହଃ, ଦୃଷ୍ଟିଃ, ଶୟନମ୍, ପାନମ୍, ମୁକ୍ତିଃ, କୃତିଃ, ବନ୍ଦନମ୍

**୨। ଏକପଦେନ ଅର୍ଥଂ ପ୍ରକାଶୟତ ।**

ନୀୟତେ ଅନୟା ଇତି, ଦୃଶ୍ୟତେ ଅନେନ ଇତି, ଭୂୟତେ ଇତି, ଉପେତ୍ୟ ଅଧୀତେ ଅସ୍ମାତ୍, ଦୀୟତେ ଇତି, ଶ୍ରୂୟତେ ଇତି, ଭୂଷ୍ୟତେ ଅନେନ, ଶଯ୍ୟତେ ଅସ୍ମିନ୍, ଆସ୍ୟତେ ଅସ୍ମିନ୍, ସ୍ଥୀୟତେ ଅସ୍ମିନ୍

**୩। ଉଦାହରଣାନୁସାରଂ ଶୂନ୍ୟସ୍ଥାନଂ ପୂରୟତ ।**

ଯଥା - ମ୍ଲୈ + କ୍ତିନ୍ = ମ୍ଳାନିଃ

| | |
|---|---|
| ତଥା - ହା + କ୍ତିନ୍ = ______ | ଦୃଶ୍ + ______ = ଦର୍ଶନମ୍ |
| କୃ + ______ = କୃତିଃ | ତ୍ୟଜ୍ + ଘଞ୍ = ______ |
| ______ + କ୍ତିନ୍ = ମୁକ୍ତିଃ | ଦା + ______ = ଦାନମ୍ |
| ସମ୍ + ______ + ଘଞ୍ = ସଂହାରଃ | ______ + ଲ୍ୟୁଟ୍ = ଶ୍ରବଣମ୍ |

## 'କ୍ତ' ଓ 'କ୍ତବତୁ' ପ୍ରତ୍ୟୟ

କ୍ତ (ତ) ଓ କ୍ତବତୁ (ତବତ୍) ଏହି ପ୍ରତ୍ୟୟ ଦୁଇଟିକୁ 'ନିଷ୍ଠା' ପ୍ରତ୍ୟୟ କହନ୍ତି । ସାଧାରଣତଃ ଅତୀତ କାଳ ଅର୍ଥରେ ଏହି ପ୍ରତ୍ୟୟ ଦୁଇଟିକୁ ବ୍ୟବହାର କରାଯାଏ । ଏହା ବିଶେଷଣ ଓ କ୍ରିୟା ପଦ ରୂପେ ବ୍ୟବହୃତ ହୁଏ । ଏହା ବିଶେଷଣ ହୋଇଥିବାରୁ ବିଶେଷ୍ୟ ପଦର ଲିଙ୍ଗ ବଚନ ଓ ବିଭକ୍ତିକୁ ଅନୁସରଣ କରିଥାଏ । (ପଠ୍ + କ୍ତ = ପଠିତ, ମୁଚ୍ + କ୍ତ = ମୁକ୍ତ, ଖିଦ୍ + କ୍ତ = ଖିନ୍ନ, ପଚ୍ + କ୍ତ = ପକ୍ୱ, ମୁହ୍ + କ୍ତ = ମୁଗ୍ଧ / ମୂଢ଼, ଦୃଶ୍ + କ୍ତ = ଦୃଷ୍ଟ, ହା + କ୍ତ = ହୀନ)

## 'କ୍ତବତୁ' - (ତବତ୍)

କର୍ତ୍ତୃବାଚ୍ୟରେ ସମସ୍ତ ଧାତୁ ପରେ 'କ୍ତବତୁ' ପ୍ରତ୍ୟୟ ଲାଗେ । କ୍ତବତୁ ପ୍ରତ୍ୟୟାନ୍ତ ପଦ ପୁଂଲିଙ୍ଗରେ ଶ୍ରୀମତ୍, ସ୍ତ୍ରୀଲିଙ୍ଗରେ ଙୀପ୍‌ଯୁକ୍ତ ହୋଇ ନଦୀ ଏବଂ କ୍ଳୀବଲିଙ୍ଗରେ ଶ୍ରୀମତ୍ ଶବ୍ଦ ପରି ରୂପ ହୁଏ ।

ଯଥା:- ଗମ୍ + କ୍ତବତୁ = ଗତବତ୍, ପୁଂଲିଙ୍ଗ - ଗତବାନ୍

ସ୍ତ୍ରୀଲିଙ୍ଗ - ଗତବତୀ କ୍ଳୀବଲିଙ୍ଗ - ଗତବତ୍

* **କ୍ତବତୁ ପ୍ରତ୍ୟୟାନ୍ତ ପଦର ପ୍ରୟୋଗ**

୧। ମୁଁ ଘରେ ଖାଇଥିଲି ।

ଅହଂ ଗୃହେ <u>ଖାଦିତବାନ୍</u> । (ଖାଦ୍ + କ୍ତବତୁ)

ଖାଦିତବାନ୍ - ଏହା ସମାପିକା କ୍ରିୟାବୋଧକ (ବିଶେଷଣ) ହେତୁ ଅହଂ- କର୍ତ୍ତାକୁ ଅନୁସରଣ କରି ପୁଂଲିଙ୍ଗ ୧ମା ବିଭକ୍ତି ଏକବଚନ ହୋଇଛି ।

୨। ତୁମ୍ଭେମାନେ ଗାଁକୁ ଯାଇଥିଲ ।

ଯୂୟଂ ଗ୍ରାମଂ <u>ଗତବନ୍ତଃ</u> । (ଗମ୍ + କ୍ତବତୁ)

ଏଠାରେ ଯୂୟଂ କର୍ତ୍ତା ଅନୁସାରେ 'ଗତବନ୍ତଃ' ପୁଂଲିଙ୍ଗ ୧ମା ବିଭକ୍ତି ବହୁବଚନ ହୋଇଛି ।

୩। ସୁଶୀଳା ସ୍ୱାମୀଙ୍କ ସେବା କରିଥିଲା ।

ସୁଶୀଳା ପତିଂ <u>ସେବିତବତୀ</u> । (ସେବ୍ + କ୍ତବତୁ + ଙୀପ୍)

ସୁଶୀଳା ସ୍ତ୍ରୀଲିଙ୍ଗ ହେତୁ କ୍ରିୟାପଦ କ୍ତବତୁ ପ୍ରତ୍ୟୟାନ୍ତ ସ୍ତ୍ରୀଲିଙ୍ଗ ୧ମା ବିଭକ୍ତି ଏକବଚନାନ୍ତ 'ସେବିତବତୀ' ହେଲା ।

୪। ଗାଡ଼ିଟି ଭୁବନେଶ୍ୱରକୁ ଆସିଲା ।

ଯାନଂ ଭୁବନେଶ୍ୱରମ୍ <u>ଆଗତବତ୍</u> । (ଆ + ଗମ୍ + କ୍ତବତୁ)

ଯାନଂ କ୍ଳୀବଲିଙ୍ଗ ହେତୁ କ୍ରିୟାପଦ କ୍ତବତୁ ପ୍ରତ୍ୟୟାନ୍ତ କ୍ଳୀବଲିଙ୍ଗ ୧ମା ବିଭକ୍ତି ଏକବଚନରେ 'ଆଗତବତ୍' ହେଲା ।

୫। ପଠିତବନ୍ତଃ ଛାତ୍ରାଃ ପୁରସ୍କାରଂ <u>ପ୍ରାପ୍ତବନ୍ତଃ</u> ।

ପଢ଼ିଥିବା ଛାତ୍ରମାନେ ପୁରସ୍କାର ପାଇଲେ । ଏଠାରେ ପଠିତବନ୍ତଃ (ପଠ୍ + କ୍ତବତୁ) 'ଛାତ୍ରାଃ'ର ବିଶେଷଣ ଓ ପ୍ରାପ୍ତବନ୍ତଃ (ପ୍ର + ଆପ୍ + କ୍ତବତୁ) କ୍ରିୟାପଦ । ଛାତ୍ରାଃ ପୁଂଲିଙ୍ଗ ୧ମା ବହୁବଚନ ହୋଇଥିବାରୁ **ପଠିତବନ୍ତଃ** ଓ **ପ୍ରାପ୍ତବନ୍ତଃ** ସେହିପରି ପୁଂଲିଙ୍ଗ ୧ମା ବହୁବଚନାନ୍ତ ହେଲା ।

୬। କାନ୍ଦିଥିବା ଝିଅଟିକୁ ଖେଳନା ଦିଅ ।

<u>କ୍ରନ୍ଦିତବତ୍ୟୈ ବାଳିକାୟୈ</u> କ୍ରୀଡ଼ନକଂ ଦେହି ।

ଏଠାରେ କ୍ରନ୍ଦିତବତୀ ବାଳିକାର ଚତୁର୍ଥୀ ବିଭକ୍ତି ହୋଇଛି । ବାଳିକା ସ୍ତ୍ରୀଲିଙ୍ଗର ବିଶେଷଣ **କ୍ରନ୍ଦିତବତୀ** (କ୍ରନ୍ଦ୍ + କ୍ତବତୁ + ଙୀପ୍) କୃଦନ୍ତପଦରେ ବାଳିକାୟୈ ପାଇଁ **କ୍ରନ୍ଦିତବତ୍ୟୈ** ୪ର୍ଥୀ ଏକବଚନାନ୍ତ ହୋଇଛି ।

୭। ଶୁଖିଲା (ଶୁଖିଯାଇଥିବା) ପତ୍ରଗୁଡ଼ିକ ତଳେ ପଡ଼ିଥିଲା ।

<u>ଶୁଷ୍କବନ୍ତି</u> ପତ୍ରାଣି ଭୂମୌ <u>ପତିତବନ୍ତି</u> ।

ଶୁଷ୍କବନ୍ତି (ଶୁଷ୍ + କ୍ତବତୁ) କ୍ଳୀବଲିଙ୍ଗ ୧ମା ବହୁବଚନ ପତ୍ରାଣିର ବିଶେଷଣ ଏବଂ **ପତିତବନ୍ତି** (ପତ୍ + କ୍ତବତୁ) କ୍ଳୀବଲିଙ୍ଗ ୧ମା ବିଭକ୍ତି ବହୁବଚନ ହୋଇ କ୍ରିୟାପଦ ରୂପେ ବ୍ୟବହୃତ ହୋଇଛି ।

## 'କ୍ତ' - (ତ) ପ୍ରତ୍ୟୟ

'କ୍ତ' ପ୍ରତ୍ୟୟାନ୍ତ ପଦ ବିଶେଷଣ ଓ ସମାପିକା କ୍ରିୟା ରୂପେ ବ୍ୟବହାର କରାଯାଏ । ପୁଂଲିଙ୍ଗରେ ବାଳକ, ସ୍ତ୍ରୀଲିଙ୍ଗରେ ଲତା ଏବଂ କ୍ଳୀବଲିଙ୍ଗରେ ଫଳ ଶବ୍ଦର ରୂପ ପରି ରୂପ ହୁଏ ।

ଯଥା :- ଗମ୍ + କ୍ତ = ଗତ, ପୁଂଲିଙ୍ଗ = ଗତଃ, ସ୍ତ୍ରୀଲିଙ୍ଗ = ଗତା, କ୍ଳୀବଲିଙ୍ଗ = ଗତମ୍, ଦୃଶ୍ + କ୍ତ = ଦୃଷ୍ଟ, ପୁଂ-ଦୃଷ୍ଟଃ, ସ୍ତ୍ରୀ-ଦୃଷ୍ଟା, କ୍ଳୀ= ଦୃଷ୍ଟମ୍ ଇତ୍ୟାଦି ।

**ବିଭିନ୍ନ ବାକ୍ୟରେ ପ୍ରୟୋଗର ଉଦାହରଣ**

କର୍ତ୍ତୃବାଚ୍ୟରେ- (୧) ସଃ ଗ୍ରାମଂ ଗତଃ । (ଗମ୍ + କ୍ତ) ସେ ଗ୍ରାମକୁ ଗଲା । (୨) ଶିଶୁଃ ଶଯ୍ୟାୟାଂ ଶୟିତଃ । (ଶୀଙ୍ + କ୍ତ) ଶିଶୁ ଶେଯରେ ଶୋଇଲା । (୩) ଯାନଂ ଭୁବନେଶ୍ୱରଂ ଗତମ୍ । (ଗମ୍ + କ୍ତ) ଗାଡ଼ିଟି ଭୁବନେଶ୍ୱରକୁ ଗଲା । (୪) ସୀତା ଆଶ୍ରମେ ଉଷିତା । (ବସ୍ + କ୍ତ + ଟାପ୍) ସୀତା ଆଶ୍ରମରେ ବାସ କରୁଥିଲେ ।

ଏଠାରେ (୧) ସଃ- ପୁଂଲିଙ୍ଗ ଏକବଚନ ପାଇଁ ଗତଃ । (୨) ଶିଶୁଃ- ପୁଂଲିଙ୍ଗ ଏକବଚନ ପାଇଁ ଶୟିତଃ । (୩) ଯାନଂ- କ୍ଲୀବଲିଙ୍ଗ ଏକବଚନ ପାଇଁ ଗତମ୍ । (୪) ସୀତା- ସ୍ତ୍ରୀଲିଙ୍ଗ ଏକବଚନ ପାଇଁ ଉଷିତା ସ୍ତ୍ରୀଲିଙ୍ଗ ଏକବଚନ ହୋଇଛି ।

କର୍ମବାଚ୍ୟରେ - (୧) ମୟା ଗ୍ରାମଃ ଗତଃ । (ଗମ୍ + କ୍ତ)

(୨) ରାମେଣ ସୀତା ପୃଷ୍ଟା । (ପ୍ରଚ୍ଛ + କ୍ତ + ଟାପ୍)

(୩) ବାଳକୈଃ ଫଳାନି ଖାଦିତାନି । (ଖାଦ୍ + କ୍ତ)

ଏଠାରେ (୧) ବାକ୍ୟରେ ଗ୍ରାମଃ ପାଇଁ ଗତଃ ପୁଂଲିଙ୍ଗ ଏକବଚନ ।

(୨) ବାକ୍ୟରେ ସୀତା ସ୍ତ୍ରୀଲିଙ୍ଗ ହୋଇଥିବାରୁ ପୃଷ୍ଟା ସ୍ତ୍ରୀଲିଙ୍ଗ ଏକବଚନ ହୋଇଛି ।

(୩) ବାକ୍ୟରେ ଫଳାନି କ୍ଲୀବଲିଙ୍ଗ ବହୁବଚନ ହୋଇଥିବାରୁ ଖାଦିତାନି କ୍ଲୀବଲିଙ୍ଗ ବହୁବଚନ ହୋଇଛି ।

ଭାବବାଚ୍ୟରେ -

(୧) ମୟା ହସିତମ୍ । (ହସ୍ + କ୍ତ) (୨) ତେନ ଶୟିତମ୍ । (ଶୀଙ୍ + କ୍ତ) (୩) ବାଳକୈଃ କ୍ରୀଡ଼ିତମ୍ । (କ୍ରୀଡ୍ + କ୍ତ) ଭାବବାଚ୍ୟରେ 'କ୍ତ' ପ୍ରତ୍ୟୟାନ୍ତ ପଦ ସର୍ବଦା ୧ମା ବିଭକ୍ତି କ୍ଲୀବଲିଙ୍ଗ ଏକବଚନରେ ବ୍ୟବହୃତ ହୁଏ ।

ବିଶେଷଣ ରୂପେ- (୧) ଆଗତେଭ୍ୟଃ ଶିଶୁଭ୍ୟଃ ଫଳାନି ଦେହି । ଏଠାରେ **ଶିଶୁଭ୍ୟଃ**ର ବିଶେଷଣ ରୂପେ **ଆଗତେଭ୍ୟଃ** (ଆ + ଗମ୍ + କ୍ତ) ପୁଂଲିଙ୍ଗ ୪ର୍ଥୀ ବିଭକ୍ତି ବହୁବଚନ ହୋଇଛି ।

(୨) ବୃକ୍ଷାତ୍ ପତିତାନି ଫଳାନି ମଧୁରାଣି । ଏଠାରେ **ଫଳାନି**ର ବିଶେଷଣ ହୋଇଥିବାରୁ **ପତିତାନି** (ପତ୍ + କ୍ତ) କ୍ଲୀବଲିଙ୍ଗ ବହୁବଚନ ହୋଇଛି ।

(୩) ତେନ କ୍ରୀତାଂ ଶାଟିକାଂ ପଶ୍ୟ । ସେ କିଣିଥିବା ଶାଢ଼ିକୁ ଦେଖ । ଏଠାରେ ଶାଟିକାଂ ସ୍ତ୍ରୀଲିଙ୍ଗ ୨ୟା ଏକବଚନ, ତା'ର ବିଶେଷଣ କ୍ରୀତାଂ (କ୍ରୀ + କ୍ତ + ଟାପ୍) ସ୍ତ୍ରୀଲିଙ୍ଗ ୨ୟା ଏକବଚନରେ ବ୍ୟବହୃତ ହୋଇଛି ।

ବର୍ତ୍ତମାନ କାଳରେ ମଧ୍ୟ 'କ୍ତ' ପ୍ରତ୍ୟୟାନ୍ତ ପଦର ବ୍ୟବହାର ଦେଖାଯାଏ ।

୧ । ଇଦଂ ସର୍ବେଷାଂ ମତମ୍ (ମନ୍ + କ୍ତ) (ଏହା ସମସ୍ତଙ୍କ ମତ)

୨ । ମନ୍ତ୍ରିଣଃ ପ୍ରଜାଦୁଃଖଂ ବୁଦ୍ଧମ୍ । (ବୁଧ୍ + କ୍ତ) ମନ୍ତ୍ରୀ ପ୍ରଜାଙ୍କ ଦୁଃଖ ବୁଝନ୍ତି ।

୩। ବିଦ୍ୱାନ୍ ସର୍ବେଷାଂ ପୂଜିତଃ । (ପୂଜ୍ + କ୍ତ) ସମସ୍ତେ ବିଦ୍ୱାନ୍‌ଙ୍କୁ ପୂଜା କରନ୍ତି ।

୪ । ଜ୍ଞାନୀ ସର୍ବେଷାମ୍ ଆଦୃତଃ । (ଆ + ଦୃ + କ୍ତ) ଜ୍ଞାନୀଙ୍କୁ ସମସ୍ତେ ଆଦର କରନ୍ତି ।

୫ । ସଃ ମମ ବିଦିତଃ । (ବିଦ୍ + କ୍ତ) ମୁଁ ତାଙ୍କୁ ଜାଣିଛି ।

**କେତେକ 'କ୍ତ' ପ୍ରତ୍ୟୟାନ୍ତ ପଦର ଉଦାହରଣ**

| | | |
|---|---|---|
| ଯା + କ୍ତ = ଯାତ | ଭୂ + କ୍ତ = ଭୂତ | ଜୃ + କ୍ତ = ଜୀର୍ଣ୍ଣ |
| ଶୃ + କ୍ତ = ଶୀର୍ଣ୍ଣ | କ୍ଷୁଦ୍ + କ୍ତ = କ୍ଷୁଣ୍ଣ | ବଚ୍ + କ୍ତ = ଉକ୍ତ |
| ସ୍ୱପ୍ + କ୍ତ = ସୁପ୍ତ | ବହ୍ + କ୍ତ = ଊଢ | ଅଭି + ଧା + କ୍ତ = ଅଭିହିତ |
| ପ୍ର + ସଦ୍ + କ୍ତ = ପ୍ରସନ୍ନ | ବି + ସଦ୍ + କ୍ତ = ବିଷଣ୍ଣ | ଆ + ସଦ୍ + କ୍ତ = ଆସନ୍ନ |
| ଅଦ୍ + କ୍ତ = ଅନ୍ନ | ଭିଦ୍ + କ୍ତ = ଭିନ୍ନ | ଭୁଜ୍ + କ୍ତ = ଭୁକ୍ତ |
| ଶୁଷ୍ + କ୍ତ = ଶୁଷ୍କ | ପଚ୍ + କ୍ତ = ପକ୍ୱ | ଲଭ୍ + କ୍ତ = ଲବ୍ଧ |
| ମୁହ୍ + କ୍ତ = ମୁଗ୍ଧ, ମୂଢ଼ | ହା + କ୍ତ = ହୀନ | ଦୁହ୍ + କ୍ତ = ଦୁଗ୍ଧ |

**ଅଭ୍ୟାସ**

**୧। ପ୍ରକୃତିଂ ପ୍ରତ୍ୟୟଂ ଚ ନିରୂପୟତ ।**

ଉକ୍ତବାନ୍, ଶ୍ରୁତବତୀ, କଥିତମ୍, ପୀତଃ, ଗୀତମ୍, ଖିନ୍ନଃ, ପକ୍ୱମ୍, ବୁଦ୍ଧମ୍, ମନ୍ତ୍ରିତମ୍, ପଠିତା

**୨। ଭ୍ରମସଂଶୋଧନଂ କୁରୁତ ।**

ମୟା ଲତା ଦୃଷ୍ଟମ୍ । ସୀତା ଗୀତାଂ ପଠିତବାନ୍ । ବାଳକୈଃ ଶୟିତାନି । ପତିତଃ ଫଳଂ ମଧୁରମ୍ । ଶିଶବଃ ଦୁଗ୍ଧଂ ପୀତମ୍ । ବାଳିକାଃ ଧନଂ ପ୍ରାପ୍ତବନ୍ତଃ । ଯୂୟଂ କଦା ଆଗତଃ ।

## 'ତବ୍ୟ' ଓ 'ଅନୀୟ' ପ୍ରତ୍ୟୟ

ତବ୍ୟ ଓ ଅନୀୟର୍ (ଅନୀୟ) ପ୍ରତ୍ୟୟକୁ କୃତ୍ୟ ପ୍ରତ୍ୟୟ କହନ୍ତି । ଭବିଷ୍ୟତକାଳ ବୋଧକ, ଉଚିତ, ବିଧି, ସମ୍ଭାବନା ଅର୍ଥରେ ଧାତୁରେ ତବ୍ୟ ଓ ଅନୀୟ ପ୍ରତ୍ୟୟ ଯୋଗ କରାଯାଏ । ଏହା ସାଧାରଣତଃ ବିଶେଷଣ ଓ ସମାପିକାକ୍ରିୟା ରୂପେ ବ୍ୟବହୃତ ହୁଏ । **କୃତ୍ୟ ପ୍ରତ୍ୟୟାନ୍ତ ପଦ କର୍ମବାଚ୍ୟରେ ବ୍ୟବହୃତ ହେଲେ କର୍ମର ଲିଙ୍ଗ, ବିଭକ୍ତି ଓ ବଚନକୁ ଅନୁସରଣ କରେ । ମାତ୍ର ଭାବବାଚ୍ୟରେ ବ୍ୟବହୃତ ହେଲେ ସର୍ବଦା କ୍ଳୀବଲିଙ୍ଗ ୧ମା ଏକ ବଚନାନ୍ତ ହୁଏ ।**

ଉଦାହରଣ- ଗମ୍ + ତବ୍ୟ = ଗନ୍ତବ୍ୟ, ଗମ୍ + ଅନୀୟ = ଗମନୀୟ । ତବ୍ୟ ଓ ଅନୀୟ ପ୍ରତ୍ୟୟାନ୍ତ ଶବ୍ଦ ପୁଂଲିଙ୍ଗରେ ବାଳକ ଶବ୍ଦ ପରି, ସ୍ତ୍ରୀଲିଙ୍ଗରେ ଲତା ଶବ୍ଦ ପରି ଏବଂ କ୍ଳୀବଲିଙ୍ଗରେ ଫଳ ଶବ୍ଦ ପରି ରୂପ ହୁଏ ।

**ବାକ୍ୟରେ ପ୍ରୟୋଗ-**

୧। ମୟା ଚନ୍ଦ୍ରଃ ଦ୍ରଷ୍ଟବ୍ୟଃ । (ଦୃଶ୍ + ତବ୍ୟ)

ମୁଁ ଚନ୍ଦ୍ରକୁ ଦେଖିବି । ଏଠାରେ ଚନ୍ଦ୍ରଃ ପୁଂଲିଙ୍ଗ ପ୍ରଥମା ବିଭକ୍ତି ଏକବଚନ ତେଣୁ ଦ୍ରଷ୍ଟବ୍ୟଃ ପୁଂଲିଙ୍ଗ ୧ମା ବିଭକ୍ତି ଏକବଚନ ହେଲା ।

୨। ତେନ ଗୀତା ପଠିତବ୍ୟା । (ପଠ୍ + ତବ୍ୟ + ଟାପ୍)

ସେ ଗୀତା ପଢ଼ିବ । ଏଠାରେ ଗୀତା ସ୍ତ୍ରୀଲିଙ୍ଗ ୧ମା ବିଭକ୍ତି ଏକବଚନ ହେତୁ ପଠିତବ୍ୟା, ସ୍ତ୍ରୀଲିଙ୍ଗ ୧ମା ବିଭକ୍ତି ଏକବଚନ ହେଲା ।

୩। ବାଳକେନ ଫଳାନି ଖାଦିତବ୍ୟାନି । (ଖାଦ୍ + ତବ୍ୟ)

ବାଳକଟି ଫଳଗୁଡ଼ିକ ଖାଇବ । ଫଳାନି କ୍ଳୀବଲିଙ୍ଗ ୧ମା ବିଭକ୍ତି ବହୁବଚନ ତେଣୁ ଖାଦିତବ୍ୟାନି କ୍ଳୀବଲିଙ୍ଗ ୧ମା ବିଭକ୍ତି ବହୁବଚନ ରୂପ ହେଲା ।

ଯେଉଁ ଧାତୁରେ 'ତବ୍ୟ' ପ୍ରତ୍ୟୟ ହୁଏ 'ଅନୀୟ' ପ୍ରତ୍ୟୟ ମଧ୍ୟ ସେହି ଅର୍ଥରେ ସେହି ଧାତୁରେ ହୁଏ ।

ଯଥା:- ମୟା ଗ୍ରାମଃ ଗନ୍ତବ୍ୟଃ (ଗମ୍ + ତବ୍ୟ) ବା ଗମନୀୟଃ (ଗମ୍ + ଅନୀୟ)

ତେନ ଚିଲିକା ଦ୍ରଷ୍ଟବ୍ୟା (ଦୃଶ୍ + ତବ୍ୟ + ଟାପ୍) ବା ଦର୍ଶନୀୟା (ଦୃଶ୍ + ଅନୀୟ + ଟାପ୍)

ବାଳକୈଃ ଫଳାନି ଖାଦିତବ୍ୟାନି (ଖାଦ୍ + ତବ୍ୟ) ଅଥବା

ଖାଦନୀୟାନି (ଖାଦ୍ + ଅନୀୟ)

ଭକ୍ତାନାଂ ପୁରାଣଂ ଶ୍ରୋତବ୍ୟମ୍ । (ଶ୍ରୁ+ତବ୍ୟ) ଅଥବା

ଶ୍ରବଣୀୟମ୍ (ଶ୍ରୁ + ଅନୀୟ)

କେତେକ ମୂଳଧାତୁ ଏବଂ ତବ୍ୟ ଓ ଅନୀୟ ପ୍ରତ୍ୟୟାନ୍ତ ଶବ୍ଦ

ଗମ୍ - ଗନ୍ତବ୍ୟ, ଗମନୀୟ

ଦୃଶ୍ - ଦ୍ରଷ୍ଟବ୍ୟ, ଦର୍ଶନୀୟ

ନୀ - ନେତବ୍ୟ, ନୟନୀୟ

ଦା - ଦାତବ୍ୟ, ଦାନୀୟ

ବୁଧ୍ - ବୋଦ୍ଧବ୍ୟ, ବୋଧନୀୟ

ପଚ୍ - ପକ୍ତବ୍ୟ, ପଚନୀୟ

କୃ - କର୍ତ୍ତବ୍ୟ, କରଣୀୟ

ପା - ପାତବ୍ୟ, ପାନୀୟ

ଭାବବାଚ୍ୟରେ ତବ୍ୟ ଓ ଅନୀୟ ପ୍ରତ୍ୟୟାନ୍ତ ପଦ କ୍ଳୀବଲିଙ୍ଗ ଏକବଚନରେ ବ୍ୟବହୃତ ହୁଏ । ଯଥା- ମମ ଶୟିତବ୍ୟମ୍/ ଶୟନୀୟମ୍ । ବାଳକୈଃ ସ୍ନାତବ୍ୟମ୍ / ସ୍ନାନୀୟମ୍ ।

ଯୁଷ୍ମାଭିଃ ହସିତବ୍ୟମ୍ / ହସନୀୟମ୍ ।

## ଅଭ୍ୟାସ

**୧। ଏକପଦେନ ଅର୍ଥଂ ପ୍ରକାଶୟତ ।**

ଦ୍ରଷ୍ଟୁଂ ଯୋଗ୍ୟା, ଲବ୍ଧୁଂ ଯୋଗ୍ୟାନି, ପାତୁମ୍ ଉଚିତମ୍, ଦାତୁଂ ବିଧେୟମ୍, ବଚନସ୍ୟ ଯୋଗ୍ୟମ୍

**୨। ପ୍ରକୃତିଂ ପ୍ରତ୍ୟୟଂ ଚ ନିରୂପୟତ ।**

ଗନ୍ତବ୍ୟମ୍, ଦର୍ଶନୀୟଃ, କ୍ରେତବ୍ୟଃ, ପୂଜନୀୟା, ବଚନୀୟମ୍, ବୋଧନୀୟଃ, ଗ୍ରହଣୀୟମ୍, ସ୍ମରଣୀୟମ୍

**୩। ଉଦାହରଣାନୁସାରଂ ଶୂନ୍ୟସ୍ଥାନଂ ପୂରୟତ ।**

ଯଥା :- ସହ୍ + ତବ୍ୟ = ସୋଢବ୍ୟଃ, ସହ୍ + ଅନୀୟ = ସହନୀୟଃ

| | |
|---|---|
| ତଥା - ମନ୍ + ତବ୍ୟ = ______ | ମନ୍ + ଅନୀୟ = ______ |
| ଶ୍ରୁ + ______ = ଶ୍ରୋତବ୍ୟଃ | କୃଷ୍ + ______ = କର୍ଷଣୀୟଃ |
| ______ + ତବ୍ୟ = ବୋଦ୍ଧବ୍ୟଃ | କ୍ଷମ୍ + ଅନୀୟ = ______ |
| ସ୍ମୃ + ______ = ସ୍ମର୍ତ୍ତବ୍ୟଃ | ଲୁଭ୍ + ______ = ଲୋଭନୀୟ |
| ସ୍ତୁ + ତବ୍ୟ = ______ | ______ + ଅନୀୟ = ସ୍ତବନୀୟଃ |